ପ୍ରେସ୍‌ନୋଟ୍

## ନାଲ୍‌କୋର ବିସ୍ଥାପିତ ମାନଂକର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ।

ଅନୁଗୋଳ,ତା.୧୩.୦୫:-ନାଲ୍‌କୋ କାରଖାନା ପ୍ରତିଷ୍ଠା ହେବା ପରଠାରୁ ବିସ୍ଥାପିତ ମାନଂକର ବିଭିନ୍ନ ସମସ୍ୟା ଯଥା ନିଯୁକ୍ତି,ପାରିପାର୍ଶ୍ୱିକ ଉନ୍ନୟନ,ରାସ୍ତା ଘାଟ ସୁବିଧାକୁ ନେଇ ଅନେକ ସମୟରେ ଲୋକମାନଂକ ମଧ୍ୟରେ ଅସନ୍ତୋଷ ଭାବ ଦେଖା ଦେଇଛି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଆଜି ଅପରାହ୍ନରେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନ ସଭାର ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜମିହରା ପ୍ରଜାଂକର ଉନ୍ନତି ଓ ପ୍ରଗତି କଳ୍ପେ ବିଭିନ୍ନ ସମସ୍ୟାର ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସି ପି ପି କାରଖାନା ପାର୍ଶ୍ୱରେ ରହୁଥିବା ତଫସିଲଭୁକ୍ତ ଜନଜାତି ମାନଂକ ପାଇଁ ବିଭିନ୍ନ ଆନୁସଂଗୀକ ସୁବିଧା ଉପଲବଧ କରାଯିବ । ପ୍ଲାଣ୍ଟ ପ୍ରତିଷ୍ଠାରେ ସେମାନଂକର ଅବଦାନ ଥିବାରୁ ସକରାତ୍ମକ ଭାବେ ତାଂକର ପ୍ରତ୍ୟେକ ସମସ୍ୟାକୁ ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରି ଥିଲେ । ୧୯୮ ଜଣ ଏଲ୍ ଏ ପିମାନଂକୁ କିପରି ନିଯୁକ୍ତି ଦିଆଯାଇପାରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଆନ୍ତରିକତାର ସହିତ ନେବାକୁ ସେ ନାଲକୋ କର୍ତ୍ତୃପକ୍ଷଂକୁ ପରାମର୍ଶ ଦେଇଛନ୍ତି । ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନ ସଭାର ଉପବାଚସ୍ପତି ଜମିହାର ପ୍ରଜାଂକର ସମସ୍ତ ପ୍ରକାର ସମସ୍ୟାକୁ ସମାଧାନ କରିବା ଉପରେ ନାଲ୍‌କୋ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ନାଲ୍‌କୋରୁ ଅବସର ନେଉଥିବା କର୍ମଚାରୀମାନଂକ ସ୍ଥାନରେ ଜମିହରା ପ୍ରଜାଂକୁ ନିଯୁକ୍ତି ଦେବାକୁ ସେ ପରାମର୍ଶ ଦେଇଛନ୍ତି । ତାଳଚେର ବିଧାୟକ ଓ ଛେଣ୍ଡିପଦା ବିଧାୟକ ନାଲ୍‌କୋର ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ରହୁଥିବା ଲୋକମାନଂକର ଛୋଟ ଛୋଟ ସମସ୍ୟା ଓ ଦାବୀକୁ ସମାଧାନ କରିବା ସହ ସେମାନଂକୁ ପାନୀୟ ଜଳ,ବିଦ୍ୟୁତ୍ ଓ ରାସ୍ତାଘାଟର ସୁବିଧା ଉପଲବଧ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ ।

୨ଟି ପର୍ଯ୍ୟାୟରେ ନାଲ୍‌କୋ ତରଫରୁ ୧୯୮ଜଣଙ୍କୁ ତାଲିମ ଦିଆଯାଇ ସେଥିମଧ୍ୟରୁ ୧୬୪ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୨୬୨୬ ଜଣ ଏଲ୍ ଏ ପି ନିଜ ଖର୍ଚ୍ଚରେ ପାଠ ପଢି ସେମାନଙ୍କ ମଧ୍ୟରୁ ୫୧୬ ଜଣ ନାଲ୍‌କୋରେ ନିଯୁକ୍ତି ପାଇଛନ୍ତି ବୋଲି ନାଲ୍‌କୋର କର୍ମକର୍ତ୍ତା ସୂଚନା ପ୍ରଦାନ କରିଥିଲେ । ବଅଁରପାଳ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକିକରଣ କରିବାକୁ ନାଲ୍‌କୋର କର୍ମକର୍ତ୍ତାଙ୍କୁ ଆରକ୍ଷୀ ଅଧିକ୍ଷକ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ନାଲ୍‌କୋର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ ପି ପଣ୍ଡା, ଡିଜିଏମ୍ ଶ୍ରୀ ଆର ମିଶ୍ର, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍, ଭୂ-ଅର୍ଜନ ଅଧିକାରିଣୀ ସାରଦାକାନ୍ତି ଦଳେଇଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ନାଲ୍‌କୋର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

